## ପୁରୀ ମହିଳା ସମାବେଶରେ ଯୋଗ ଦେବା ପାଇଁ

# ଆସନ୍ତା ୨୪ରେ ଆସୁଛନ୍ତି ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଅମିତ୍ ଶାହା

- **ମହିଳା ସମାବେଶରେ ଯୋଗ ଦେବେ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ଅଧକ୍ଷା ବିଜୟା ରାହତକର**
- **ମହିଳାଙ୍କ ଅଧିକାର ଏବଂ ମହିଳା ସୁରକ୍ଷା ହେବ ସମାବେଶର ମୁଖ୍ୟ ପ୍ରସଙ୍ଗ**
- **ଆସନ୍ତା ୨୩, ୨୪ ଓ ୨୫ରେ ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସମିତି ବୈଠକ**
- **୨୩ରେ ମହିଳା ମୋର୍ଚ୍ଚାର ପଦାଧିକାରୀ ବୈଠକ**

**ଭୁବନେଶ୍ୱର,ତା ୧୧/୦୯ :** ରାଜ୍ୟରେ ମହିଳାଙ୍କ ଅଧିକାର ଏବଂ ସୁରକ୍ଷାକୁ ମୁଖ୍ୟ ପ୍ରସଙ୍ଗ କରି ଆଗାମୀ ୨୩, ୨୪ ଓ ୨୫ ତାରିଖରେ ପୁରୀଠାରେ ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟ କାରିଣୀ ସମିତି ବୈଠକ ଅନୁଷ୍ଠିତ ହେବ । ୨୩ ତାରିଖ ଦିନ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ପଦାଧିକାରୀ ବୈଠକ ଏବଂ ୨୪ ତାରିଖ ଦିନ ବିଶାଳ ମହିଳା ସମାବେଶ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି ।

ଆସନ୍ତା ୨୩ ତାରିଖ ଦିନ ହେବାକୁ ଥିବା ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ପଦାଧିକାରୀ ବୈଠକରେ କେନ୍ଦ୍ର ଓ ରାଜ୍ୟ ମହିଳା ମୋର୍ଚ୍ଚାର ସମସ୍ତ ପଦାଧିକାରୀ, ମହିଳା କେନ୍ଦ୍ରମନ୍ତ୍ରୀ ଓ ସାସଂଦଙ୍କ ସମେତ ସମସ୍ତ ରାଜ୍ୟର ମହିଳା ସଭାନେତ୍ରୀ ତଥା ସାଧାରଣ ସଂପାଦିକା ମାନେ ଯୋଗ ଦେବେ । ସେହିପରି ଆସନ୍ତା ୨୪ ତାରିଖ ଦିନ ହେବାକୁ ଥିବା ବିଶାଳ ମହିଳା ସମାବେଶରେ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଅମିତ ଶାହା ଏବଂ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ଅଧକ୍ଷା ବିଜୟା ରାହତକର ଯୋଗଦେବେ । ଏହି ଅବସରରେ ଶ୍ରୀ ଶାହା ମହିଳା ସମାବେଶକୁ ଉଦ୍‌ବୋଧନ ଦେବା ସହ ରାଷ୍ଟ୍ରୀୟ କାର୍ଯ୍ୟ ସମିତିର ଉଦଘାଟନ କରିବେ ବୋଲି ଶ୍ରୀମତୀ ପରିଡା ସୂଚନା ଦେଇଛନ୍ତି ।

ରାଜ୍ୟରେ ମହିଳାଙ୍କ ପ୍ରତି ହିଂସା ଓ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟର ମା' ଭଉଣୀମାନେ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି । ଶାସକ ବିଜେଡି ମହିଳାଙ୍କୁ ସମ୍ମାନ ଦେବାର ନାରା ଦେଇ ସବୁ ସମୟରେ ଅପମାନିତ କରି ଚାଲିଛି । ଏପରିକି ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବଳୟରେ ରହି ଶାସକ ଦଳର ନେତା ଓ କର୍ମୀମାନେ ଦୁଷ୍କର୍ମ ଭଳି ହୀନ କାର୍ଯ୍ୟ କରିଚାଲିଛନ୍ତି । ନାରୀ ଏଠି ନ୍ୟାୟ ନପାଇ ନିଜ ଜୀବନ ହାରୁଛି । ରାଜ୍ୟସରକାର ଗାଁ ଗାଁ ରେ ମଦ ଦୋକାନ ଖୋଲି ମଦର ବନ୍ୟା କରୁଥିବାରୁ ଘରୋଇ ମହିଳା ହିଂସା ବଢିବାରେ ଲାଗିଛି । ଅସାମାଜିକ ଯୁବକ ମାନେ ମାତାଲ ହୋଇ ନାବାଳିକାମାନଙ୍କ ସହ ଦୁଷ୍କର୍ମ କରିଚାଲିଛନ୍ତି । ନାବାଳିକା ଦୁଷ୍କର୍ମ, ଘରୋଇ ହିଂସା, ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା କରିବା ଘଟଣା ପ୍ରତିଦିନ ଖବର କାଗଜର ପୃଷ୍ଠା ମଣ୍ଡନ କରୁଥିଲେ ବି ରାଜ୍ୟ ସରକାର ଚୁପ୍ ରହି କେବଳ ନୀରବଦଷ୍ଟ୍ରା ସାଜିଛନ୍ତି । ମହିଳା ସୁରକ୍ଷା ଯାତ୍ରା ସମୟରେ ରାଜ୍ୟ ମହିଳା ମୋର୍ଚ୍ଚାର ନେତ୍ରୀମାନେ ରାଜ୍ୟରେ ଥିବା ଲକ୍ଷ ଲକ୍ଷ ମହିଳାଙ୍କ ଦୁଃଖରେ ସାମିଲ ହେବା ସହ ସେମାନଙ୍କ ସମସ୍ୟା ସଂପର୍କରେ ଅବଗତ ହୋଇଥିଲେ । ଆଗାମୀ ଦିନରେ ରାଜ୍ୟର ମହିଳାମାନେ ସ୍ୱତଃପ୍ରବୃତ ଭାବେ ଏହି ମହିଳା ବିରୋଧୀ ସରକାରକୁ ମୂଳୋତ୍ପାଟନ କରିବାର ସଂକଳ୍ପ ନେଇଛନ୍ତି ବୋଲି ଶ୍ରୀମତୀ ପରିଡା ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାସଂଦ ଶ୍ରୀମତୀ ସଂଗୀତା ସିଂହଦେଓ, ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସୁଷମା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**